
# ମେଟ୍ରିକ୍ ପଦ୍ଧତିରେ ଦୈର୍ଘ୍ୟ ମାପିବା

ଆସ, ଆମେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାରର ସ୍କେଲ୍ ଦେଖିବା ଓ ସେଗୁଡ଼ିକର ଲମ୍ବ କେତେ ଜାଣିବା ।




ଏହି ସ୍କେଲ୍ ସାଧାରଣତଃ ଆମ ଜ୍ୟାମିତି ବାକ୍ସରେ ଥାଏ । ରେଖାଖଣ୍ଡ ଆଙ୍କିବାରେ ଆମେ ଏହାକୁ ବ୍ୟବହାର କରିଥାଉ । ଏହାର ଦୈର୍ଘ୍ୟ ୧୫ ସେ.ମି. । ତୁମେ ଏହି ସ୍କେଲକୁ କେଉଁ କେଉଁ କାମରେ ବ୍ୟବହାର କରିଛ, ତାର ପାଞ୍ଚଟି ଉଦାହରଣ ଦିଅ ।





ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

ଏ ପ୍ରକାର ସ୍କେଲର ଦୈର୍ଘ୍ୟ ହେଉଛି ୩୦ ସେ.ମି. । ତୁମେ ଏଭଳି ସ୍କେଲ୍ ଦେଖିଛ କି ? ଏହା କେଉଁ କେଉଁ କାମରେ ଆସେ ଶିକ୍ଷକଙ୍କ ପାଖରୁ ବୁଝିଲେଖ ।

ଲୁଗାଦୋକାନରେ କପଡ଼ା କିଣିବା ସମୟରେ କପଡ଼ା ମାପିବା ପାଇଁ ଏକ ଲମ୍ବା ସ୍କେଲ୍ ବ୍ୟବହାର ହେଉଥିବାର ଦେଖିଥିବ । ଏହି ସ୍କେଲ୍ ହେଉଛି ଗୋଟିଏ ମିଟର ବାଡ଼ି । ଏହାର ଦୈର୍ଘ୍ୟ ୧ ମିଟର ବା ୧୦୦ ସେଣ୍ଟିମିଟର । ଏହି ସ୍କେଲ୍ ସମ୍ବନ୍ଧରେ ତୁମେ ତୃତୀୟ ଶ୍ରେଣୀରେ ପଢ଼ିଛ । କେଉଁ କେଉଁଠାରେ ଏହି ସ୍କେଲ୍ (ମିଟର ବାଡ଼ି) ବ୍ୟବହାର ହେବାର ତୁମେ ଲକ୍ଷ୍ୟ କରିଛ କହ ଓ ଲେଖ ।

ତୁମ ଶ୍ରେଣୀ କାନ୍ଥରେ ଚଟାଣରୁ ଆରମ୍ଭ କରି ୨ ମିଟର ଲମ୍ବାର ସିଧାଗାର ଟାଣ। ଭୂମିରୁ ୧୦ସେ.ମି. ଦୂରତାରେ ଚିହ୍ନ ଦିଅ। (ଚିତ୍ରରେ ଯେପରି ଦିଆଯାଇଛି।) ଲକ୍ଷ୍ୟକର, ଶ୍ରେଣୀକାନ୍ଥରେ ଗୋଟିଏ ୨ ମିଟର ଦୈର୍ଘ୍ୟର ସ୍କେଲ୍ ତିଆରି ହୋଇଗଲା। ଜଣଜଣ କରି ପିଲା ତା' ସାମ୍ନାରେ ଠିଆ ହୁଅ। କାନ୍ଥରେ ଅଙ୍କାଯାଇଥିବା ସ୍କେଲ୍‌ରେ ଥିବା ଚିହ୍ନକୁ ଲକ୍ଷ୍ୟକରି ପ୍ରତ୍ୟେକ ପିଲାର ଉଚ୍ଚତା କେତେ ତାହା ଜଣାପଡ଼ିବ। ଏବେ ତଳ ସାରଣୀରେ ତୁମର ଯେ କୌଣସି ୪ଜଣ ସାଙ୍ଗଙ୍କର ନାମ ଲେଖି ସେମାନଙ୍କର ଉଚ୍ଚତା ଲେଖ।




| ପିଲାର ନାମ | ଉଚ୍ଚତା (ସେ.ମି.ରେ) | ଉଚ୍ଚତା (ମି.ଓ ସେ.ମି.ରେ) |
|---|---|---|
| ରାମ | ୧୩୫ ସେ.ମି. | ୧ ମି. ୩୫ ସେ.ମି. |
| | | |
| | | |
| | | |

ପ୍ରଥମ ରୁ ଦ୍ୱାଦଶ
COMPETITIVE
BOOKS
Odisha Board
and NCERT
All Books With Solutions
OBS

- ମିଟର ବାଡ଼ି ବ୍ୟବହାର କରି ତଳ ସାରଣୀର ବାମପାଖ ସ୍ତମ୍ଭରେ ଦିଆଯାଇଥିବା ଦୈର୍ଘ୍ୟର ପରିମାଣକୁ ମାପି ଲେଖ। ସେହି ମାପକୁ ସେଣ୍ଟିମିଟରରେ ପ୍ରକାଶ କର।

| ମାପିବା ଜିନିଷ | ମାପ (ମି. ଓ ସେ.ମି.ରେ) | ମାପ (ସେ. ମି.ରେ) |
|---|---|---|
| ଝରକାର ଦୈର୍ଘ୍ୟ | | |
| ବାରଣ୍ଡାର ଦୈର୍ଘ୍ୟ | | |
| କଳାପଟାର ଦୈର୍ଘ୍ୟ | | |
| ଟେବୁଲ୍‌ର ଦୈର୍ଘ୍ୟ | | |

କୌଣସି ଜିନିଷର ଦୈର୍ଘ୍ୟ ମିଟର ଓ ସେଣ୍ଟିମିଟରରେ ଥିଲେ ତାହାକୁ କିପରି କେବଳ ସେଣ୍ଟିମିଟରରେ ପ୍ରକାଶ କରାଯିବ ତାହା ଜାଣିବା।

ତଳ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର:

**ଉଦାହରଣ ୧ :** ୪୫ ମିଟର ୫୦ ସେ.ମି. କୁ ସେ.ମି.ରେ ପ୍ରକାଶ କରିବା।

ଆମେ ଜାଣିଛୁ, ୧ ମିଟର = ୧୦୦ସେ.ମି.

୪୫ମିଟର = ୪୫୦୦ସେ.ମି.

୪୫ମି. ୫୦ସେ.ମି. = ୪୫ମି. + ୫୦ସେ.ମି.

= ୪୫୦୦ସେ.ମି. + ୫୦ସେ.ମି.

= ୪୫୫୦ ସେ.ମି.

ଉଦାହରଣ ୨ : ୧୬ ମି ୮୫ ସେ.ମି. = ୧୬୦୦ସେ.ମି. + ୮୫ ସେ.ମି.

= ୧୬୮୫ ସେ.ମି.

ଉଦାହରଣ ୩: ୨୩ ମିଟର ୨୦ସେ.ମି. = ୨୩୦୦ସେ.ମି. + ୨୦ସେ.ମି.

= ୨୩୨୦ ସେ.ମି.

ଆମେ କ'ଣ ପାଇଲେ ?

| ଦୈର୍ଘ୍ୟ (ମି ଓ ସେ.ମି. ଏକକରେ) | ଦୈର୍ଘ୍ୟ (କେବଳ ସେ.ମି. ଏକକରେ) |
|---|---|
| ୪୫ମି. ୫୦ସେ.ମି | ୪୫୫୦ସେ.ମି. |
| ୧୬ମି. ୮୫ସେ.ମି. | ୧୬୮୫ ସେ.ମି. |
| ୨୩ ମି. ୨୦ସେ.ମି. | ୨୩୨୦ ସେ.ମି. |

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS (ଓଡ଼ିଶା Board and NCERT All Books With Solutions OBS

କୌଣସି ଦୈର୍ଘ୍ୟର ପରିମାଣକୁ ମିଟର ଓ ସେଣ୍ଟିମିଟର ଏକକରେ ଦିଆଯାଇଥିଲେ ତାହାକୁ କିପରି ସେଣ୍ଟିମିଟରରେ ପ୍ରକାଶ କରାଯାଏ କହ ।

କୌଣସି ଜିନିଷର ଦୈର୍ଘ୍ୟ ମିଟର ଓ ସେଣ୍ଟିମିଟରରେ ଦିଆଯାଇଥିଲେ, ଏହି ଦୈର୍ଘ୍ୟକୁ କେବଳ ସେଣ୍ଟିମିଟର ଏକକରେ ପ୍ରକାଶ କରିବା ପାଇଁ ପ୍ରଥମେ ମିଟର ଥିବା ପରିମାଣକୁ ସେଣ୍ଟିମିଟରରେ ପ୍ରକାଶ କରାଯାଇ ସେଥିରେ ସେଣ୍ଟିମିଟରରେ ଥିବା ପରିମାଣକୁ ଯୋଗ କରିବାକୁ ପଡ଼େ ।

ନିଜେ କର-

(କ) କୋଣାର୍କଠାରେ ଥିବା ପ୍ରସିଦ୍ଧ ସୂର୍ଯ୍ୟମନ୍ଦିରର ଉଚ୍ଚତା ପ୍ରାୟ ୭୦ମି. ୧୦ସେ.ମି. । ଏହାକୁ ସେଣ୍ଟିମିଟରରେ ପ୍ରକାଶ କଲେ କେତେ ହେବ ?

(ଖ) ପୁରୀର ଜଗନ୍ନାଥ ମନ୍ଦିରର ଉଚ୍ଚତା ପ୍ରାୟ ୬୫ ମି. ୫୩ ସେ.ମି. । ଏହି ଉଚ୍ଚତାକୁ ସେଣ୍ଟିମିଟରରେ ପ୍ରକାଶ କର ।

ଏବେ କୌଣସି ଦୈର୍ଘ୍ୟ କେବଳ ସେଣ୍ଟିମିଟରରେ ଥିଲେ, ତାହାକୁ କିପରି ମିଟର ଏକକରେ ପ୍ରକାଶ କରାଯିବ ଦେଖିବା ।

ଗୋଟିଏ ଗଛର ଲମ୍ବ ୧୭୫୨ ସେଣ୍ଟିମିଟର । ଏହି ଦୈର୍ଘ୍ୟକୁ ମିଟରରେ ପ୍ରକାଶ କଲେ କେତେ ହେବ ?

୧୭୫୨ ସେ.ମି.କୁ ଆମେ ୧୭୦୦ସେ.ମି. ଓ ୫୨ ସେ.ମି.ର ସମଷ୍ଟିରେ ପ୍ରକାଶ କରିପାରିବା ।

୧୭୫୨ ସେ.ମି. = ୧୭୦୦ ସେ.ମି. + ୫୨ ସେ.ମି.

= ୧୭ମିଟର + ୫୨ ସେ.ମି. = ୧୭ମି ୫୨ ସେ.ମି.

ଭାବି କହ : ୧୭୫୨ସେ.ମି.କୁ ୧୭୦୦+୫୨ସେ.ମି.ରେ ପ୍ରକାଶ ନ କରି ୧୭୫୦ସେ.ମି. + ୨ସେ.ମି. ଉପାୟରେ ଲେଖିଲେ କ'ଣ ହେବ ?

☞ ସେହିପରି ତୁମେ ୨୨୪୦ ସେ.ମି. ଓ ୮୫୦ସେ.ମି.କୁ ମିଟର ଏକକରେ ପ୍ରକାଶ କର ।

ଦୈର୍ଘ୍ୟ ମାପ କରିବା ପାଇଁ ଯେପରି ସେଣ୍ଟିମିଟର ଓ ମିଟର ଏକକର ବ୍ୟବହାର କରାଯାଇଥାଏ, ସେହିପରି କିଲୋମିଟର ଏକକ ମଧ୍ୟ ଅନେକ ପରିସ୍ଥିତିରେ ବ୍ୟବହାର କରାଯାଏ ।

କେଉଁ କେଉଁ କ୍ଷେତ୍ରରେ କିଲୋମିଟର ଏକକର ବ୍ୟବହାର ହୋଇଥାଏ ଲେଖ ।

________________________________________

________________________________________

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

କିଲୋମିଟରକୁ ସଂକ୍ଷେପରେ କି.ମି. ବୋଲି ଲେଖାଯାଏ ।

୧ କିଲୋମିଟର = ୧୦୦୦ ମିଟର

☞ (କ) କି.ମି. କୁ ମି.ରେ ପ୍ରକାଶ କର -

୨କି.ମି. = ________ ମି.     ୩ କି.ମି. = ________ ମି.

୪ କି.ମି. = ________ ମି.     ୫ କି.ମି. = ________ ମି.

(ଖ) କିଲୋମିଟରରେ ପ୍ରକାଶ କର -

୧୦୦୦ମି. = _____ କି.ମି.     ୨୦୦୦ମି.= _____ କି.ମି.     ୭୦୦୦ମି = _____ କି.ମି.

୩୦୦୦ମି.= _____ କି.ମି.     ୫୦୦୦ମି.= _____ କି.ମି.     ୧୦୦୦୦ମି. _____ କି.ମି.

ତଳେ ଦିଆଯାଇଥିବା ଉଦାହରଣକୁ ଲକ୍ଷ୍ୟ କର ।

୩ କି.ମି. ୯୦୦ମି. କୁ ମିଟରରେ ପ୍ରକାଶ କର ।

୩ କି.ମି. ୯୦୦ମି = ୩ କି.ମି. + ୯୦୦ ମି

= ୩୦୦୦ ମି + ୯୦୦ ମି.

= ୩୯୦୦ ମି

☞ କିପରି ଲେଖିବା ?

ଯେପରି,

| | | | |
|---|---|---|---|
| ୧କି.ମି. ୧୨୦ମି. | ୧କି.ମି. +୧୨୦ମି. | ୧୦୦୦ମି.+୧୨୦ମି. | ୧୧୨୦ ମିଟର |
| ୨କି.ମି. ୨୨୯ମି. | | | |
| ୩କି.ମି. ୮୯ମି. | | | |
| ୭କି.ମି. ୩୩୪ମି. | | | |
| ୮କି.ମି. ୮୦ମି. | | | |
| ୯କି.ମି. ୮ମି. | | | |
| ୫ କି.ମି. ୮୩୦ମି. | | | |
| ୬କି.ମି. ୭୮୦ମି. | | | |

ଲକ୍ଷ୍ୟକର : କି.ମି. ଓ ମି. କୁ 'ମିଟର'ରେ ପରିବର୍ତ୍ତନ କଲାବେଳେ କି.ମି.କୁ ୧୦୦୦ରେ ଗୁଣନ କରି, ଗୁଣଫଳରେ ମିଟର ପରିମାଣକୁ ଯୋଗ କରାଯାଏ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE
BOOKS
ଓଡ଼ିଶା Board
and NCERT
All Books With Solutions
OBS

☞ ଖାଲିଘର ପୂରଣ କର ।

ଯେପରି

| | | |
|---|---|---|
| ୩୨୫୦ | ୩୦୦୦ ମି + ୨୫୦ ମି | ୩ କି.ମି. ୨୫୦ମି. |
| ୨୦୦୫ମି. | | |
| ୩୨୦୦ମି. | | |
| ୫୦୫୦ ମି. | | |
| ୧୦୮୦ମି. | | |
| ୧୦୯୫ମି. | | |
| ୧୨୩୪ମି. | | |

**ଲକ୍ଷ୍ୟକର :** କେବଳ ମିଟରରେ ଦିଆଯାଇଥିବା ଦୂରତାକୁ କି.ମି. ଓ ମି. ରେ ପରିବର୍ତ୍ତନ କଲାବେଳେ ଏକକ, ଦଶକ ଓ ଶତକ ସ୍ଥାନରେ ଥିବା ଅଙ୍କକୁ ନେଇ ଗଠିତ ସଂଖ୍ୟାଟି ମିଟର ସୂଚାଇ ଥିଲାବେଳେ ଏହାକୁ ବାଦ୍‌ଦେଇ ଅନ୍ୟ ଅଙ୍କମାନଙ୍କୁ ନେଇ ଗଠିତ ସଂଖ୍ୟା କି.ମି.କୁ ସୂଚାଇ ଥାଏ ।

ଯେପରି ୮୬୫୪ ମିଟର = ୮ କି.ମି. ୬୫୪ ମି.

୨୦୫୦ ମିଟର = ୨ କି.ମି. ୦୫୦ ମି. ବା ୨ କି.ମି. ୫୦ ମି.

## ଦୈର୍ଘ୍ୟ ମାପରେ ଯୋଗ ଓ ବିୟୋଗ

ନିନୀ ଓ ରୁନୀ ଦୁଇ ଭଉଣୀ । ଥରେ ତାଙ୍କ ବାପା ହରିବାବୁ ସେମାନଙ୍କର ଜାମା ତିଆରି କରିବା ପାଇଁ ଦରଜୀ ଦୋକାନରେ ପହଞ୍ଚିଲେ । ଦରଜୀକୁ ପଚାରିବାରୁ ସେ କହିଲା– ରୁନୀ ପାଇଁ ୨ ମି. ୫୦ ସେ.ମି. କପଡ଼ା ଓ ନିନୀ ପାଇଁ ୨ ମି. ୩୦ ସେ.ମି. କପଡ଼ା ଲାଗିବ । ହରିବାବୁ ଭାବିଲେ, ରୁନୀ ପାଇଁ ନିନୀଠାରୁ କେତେ ଅଧିକ କନା ଦରକାର ହେବ ଓ ଦୁହିଁଙ୍କ ପାଇଁ ମୋଟ୍ କେତେ କନା ଦରକାର ହେବ ?



ହରିବାବୁଙ୍କର ପ୍ରଶ୍ନର ଉତ୍ତର ପାଇଁ ଆସ ହିସାବ କରିବା

୨ମି ୫୦ ସେ.ମି. = ୨୫୦ ସେ.ମି.

୨ମି. ୩୦ ସେ.ମି. = ୨୩୦ ସେ.ମି.

ଯୋଗଫଳ = ୪୮୦ ସେ.ମି.

= ୪ମି. ୮୦ ସେ.ମି.

ଦୁହିଁଙ୍କ ପାଇଁ ଆବଶ୍ୟକ ମୋଟ୍ କନାର ପରିମାଣ

= ୪ମି. ୮୦ ସେ.ମି.

COMPETITIVE BOOKS (ଓଡ଼ିଶା Board and NCERT All Books With Solutions OBS

**ଉଦାହରଣ – ୧**

ଯୋଗକର : ୨୫ମି. ୧୦ ସେ.ମି. + ୫୦ମି. ୪୦ ସେ.ମି.

**ସମାଧାନ :**

ପ୍ରଥମ ପ୍ରଣାଳୀ (ଦୈର୍ଘ୍ୟକୁ ସେ.ମି.ରେ ପ୍ରକାଶ କରି)

୨୫ମି. ୧୦ ସେ.ମି. = ୨୫୧୦ ସେ.ମି.

୫୦ମି. ୪୦ ସେ.ମି. = + ୫୦୪୦ ସେ.ମି.

ଯୋଗଫଳ = ୭୫୫୦ ସେ.ମି.

= ୭୫ ମି. ୫୦ ସେ.ମି.

୨ୟ ପ୍ରଣାଳୀ (ସ୍ତମ୍ଭରେ ଲେଖି ଯୋଗକରି)

| | ମି. | ସେ.ମି. |
|---|---|---|
| | ୨୫ | ୧୦ |
| + | ୫୦ | ୪୦ |
| | ୭୫ | ୫୦ |

ସେହିପରି ୨ମି ୫୦ ସେ.ମି. = ୨୫୦ସେ.ମି.

୨ମି ୩୦ ସେ.ମି. = ୨୩୦ ସେ.ମି.

ବିୟୋଗ ଫଳ = ୨୦ ସେ.ମି.

ଅର୍ଥାତ୍, ନିନୀଠାରୁ ରୁନୀ ପାଇଁ ୨୦ ସେ.ମି. ଅଧିକ କପଡ଼ା ଆବଶ୍ୟକ ।

ମିଟର ଓ ସେଣ୍ଟିମିଟର ଏକକରେ ଦିଆଯାଇଥିବା ଦୁଇଟି ଦୈର୍ଘ୍ୟର ଯୋଗ ଓ ବିୟୋଗ କରିବା ବେଳେ-

- ଉଭୟ ମାପ କୁ ସେଣ୍ଟିମିଟରରେ ପ୍ରକାଶ କର ।
- ଆବଶ୍ୟକ ଅନୁଯାୟୀ ଯୋଗ ବା ବିୟୋଗ କର ।
- ପାଇଥିବା ଯୋଗଫଳ ବା ବିୟୋଗଫଳକୁ ମିଟର ଓ ସେଣ୍ଟିମିଟରରେ ପ୍ରକାଶ କର ।

ମାପମାନଙ୍କ ମଧ୍ୟରେ ଯୋଗ ବା ବିୟୋଗ ପ୍ରକ୍ରିୟା ମଧ୍ୟ ସ୍ତମ୍ଭରେ ଲେଖି କରାଯାଇପାରିବ । ଏଥିପାଇଁ ଦୁଇଟିଯାକ ଦୈର୍ଘ୍ୟକୁ ତଳକୁ ତଳ ଲେଖିବାକୁ ପଡ଼ିଥାଏ ।

**ପ୍ରଥମ ପ୍ରଣାଳୀ**

୬୧ ମି ୮୦ ସେ.ମି. ରୁ ୨୫ମି ୩୦ ସେ.ମି.କୁ ବିୟୋଗ କରିବା

୬୧ମି ୮୦ ସେ.ମି. = ୬୧୮୦ ସେ.ମି.

-୨୫ମି. ୩୦ସେ.ମି. = ୨୫୩୦ ସେ.ମି.

ବିୟୋଗଫଳ = ୩୬୫୦ ସେ.ମି.

= ୩୬ମି ୫୦ସେ.ମି.

**ଦ୍ୱିତୀୟ ପ୍ରଣାଳୀ**

| | ମିଟର | ସେଣ୍ଟିମିଟର |
|---|---|---|
| | ୬୧ | ୮୦ |
| - | ୨୫ | ୩୦ |
| | ୩୬ | ୫୦ |

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ଉପରେ ଦିଆଯାଇଥିବା ବିୟୋଗ ପ୍ରକ୍ରିୟାକୁ ଲକ୍ଷ୍ୟ କର ।

ପ୍ରଥମ ପ୍ରଣାଳୀ ଓ ଦ୍ୱିତୀୟ ପ୍ରଣାଳୀ ମଧ୍ୟରେ କ'ଣ ଭିନ୍ନତା ଅଛି ?

______________________________

______________________________

ଦୁଇଟିଯାକ ପ୍ରଣାଳୀ ମଧ୍ୟରୁ ତୁମକୁ କେଉଁଟି ଭଲ ଲାଗୁଛି କହ, ଭଲ ଲାଗିବାର କାରଣ କ'ଣ ?

☞ ତୁମ ଘରଠାରୁ ତୁମ ମାଉସୀ ଘରର ଦୂରତା ୯ କି.ମି. । ତୁମେ ୪ କି.ମି. ୩୦୦ମି. ଯିବା ପରେ ବିଶ୍ରାମ ନେଲ । ଆଉ କେତେ ଦୂର ଯିବା ପରେ ତୁମେ ମାଉସୀ ଘରେ ପହଞ୍ଚିବ ?

**ସମାଧାନ** -ତୁମ ଘରଠାରୁ ମାଉସୀ ଘରର ଦୂରତା = ୯କି.ମି.

ତୁମ ଘରଠାରୁ ବିଶ୍ରାମ ନେବା ସ୍ଥାନର ଦୂରତା = ୪କି.ମି. ୩୦୦ମି.

ଅବଶିଷ୍ଟ ରାସ୍ତା = ୯କି.ମି. - ୪ କି.ମି. ୩୦୦ମି.

= ୯୦୦୦ମି. - ☐ ମି.

= ☐ ମି.= ☐ କି.ମି. ☐ ମି.

## ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ୫୦୦ ସେ.ମି. = ________ ମି.

(ଖ) ୪୩୫ ସେ.ମି. = ________ ମି. ________ ସେ.ମି

(ଗ) ୬୦୫ ସେ.ମି. = ________ ମି. ________ ସେ.ମି

(ଘ) ୧୨୫୦ ସେ.ମି. = ________ ମି. ________ ସେ.ମି

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ୫ମି ୨୫ ସେ.ମି. + ୮ମି ୮୮ ସେ.ମି. = ୫୨୫ ସେ.ମି. + ୮୮୮ ସେ.ମି.

= ________ ସେ.ମି

= ________ ମି. ________ ସେ.ମି

(ଖ) ୮ମି ୪୫ ସେ.ମି. + ୬ମି ୫୫ ସେ.ମି. = ________ ସେ.ମି. + ________ ସେ.ମି

= ________ ମି. ________ ସେ.ମି.

(ଗ) ୧୫ମି ୭୨ ସେମି. + ୧୨ ମି ୫୬ ସେ.ମି.= ________ ସେ.ମି. + ________ ସେ.ମି

= ________ ସେ.ମି.

= ________ ମି. ________ ସେ.ମି

୩. ବିୟୋଗଫଳ ନିର୍ଣ୍ଣୟ କର ।

ଯେପରି, ୨୧ମି. ୨୦ ସେ.ମି - ୧୮ମି ୨୫ ସେ.ମି.=୨୧୨୦ ସେ.ମି.-୧୮୨୫ ସେ.ମି

= ୨୯୫ ସେ.ମି.

= ୨ମି. ୯୫ସେ.ମି.

(କ) ୨୫ ମି. ୧୫ ସେ.ମି. - ୨୨ମି. ୨୨ ସେ.ମି.

(ଖ) ୪୮ ମି. ୩୦ ସେ.ମି. - ୫୨ ସେ.ମି.

(ଗ) ୬୨ମି. ୪୨ସେ.ମି. - ୭ମି. ୮୫ ସେ.ମି.

୪. (କ) ମିଟର ଓ ସେଣ୍ଟିମିଟରରେ ଥିବା ଦୈର୍ଘ୍ୟକୁ କେବଳ ସେଣ୍ଟିମିଟର ଏକକରେ ପ୍ରକାଶ କରି ଦିଆଯାଇଥିବା ଯୋଗ ଓ ବିୟୋଗ ପ୍ରଶ୍ନର ସମାଧାନ କର ।

- ୨୫ମି. ୩୫ସେ.ମି.+ ୨୦ ମି. ୪୦ସେ.ମି.
- ୧୭ମି.୭୦ସେ.ମି. + ୩୮ମି.୩୦ସେ.ମି.
- ୨୪ମି. ୭୫ସେ.ମି. + ୯ମି. ୬୫ସେ.ମି

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

- ୪୦ ମି.୩୦ସେ.ମି. – ୧୮ ମି. ୧୫ସେ.ମି
- ୮୪ମି. ୬୦ସେ.ମି – ୨୯ ମି.୮ସେ.ମି
- ୫୨ ମି. ୨୫ସେ.ମି – ୪୬ମି.୩୮ ସେ.ମି

(ଖ) 'କ' ପ୍ରଶ୍ନରେ ଦିଆଯାଇଥିବା ଯୋଗ ବିୟୋଗ କାର୍ଯ୍ୟ ସ୍ତମ୍ଭ ପ୍ରଣାଳୀରେ ସମ୍ପାଦନ କର ।

୫. ଶୂନ୍ୟସ୍ଥାନ ପୂରଣ କର ।

(କ) ୨ କି.ମି. = ____ ମି. (ଖ) ୩କି.ମି. = ____ ମି.

(ଗ) ୪୦୦୦ମି. = ____ କି.ମି. (ଘ) ୫୦୦୦ମି. = ____ କି.ମି.

(ଙ) ୨୪୦୦ମି. = ____ କି.ମି. ____ ମି. (ଚ) ୪୩୨୮ମି. = ____ କି.ମି. ____ ମି.

୬. ଯୋଗଫଳ ନିର୍ଣ୍ଣୟ କର ।

(କ) ୨ କି.ମି. ୩୨୦ ମି. + ୫ କି.ମି. ୨୬୦ ମି.

= (୨ + ୫) କି.ମି. + (୩୨୦ + ୨୬୦) ମି.

= ୭ କି.ମି.+ ୫୮୦ ମି. = ୭କି.ମି. ୫୮୦ମି.

(ଖ) ୩ କି.ମି. ୫୬୦ ମି. + ୨ କି.ମି. ୧୪୫ ମି.

= ____ କି.ମି. + ____ ମି.

= ____ କି.ମି. + ____ ମି.

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

୭. ଖଣ୍ଡିଏ ପ୍ୟାଣ୍ଟ୍ ତିଆରି ପାଇଁ ଯେତେ କପଡ଼ା ଲାଗେ, ଖଣ୍ଡିଏ ସାର୍ଟରେ ତା' ଅପେକ୍ଷା ୮୫ ସେ.ମି. ଅଧିକ କପଡ଼ା ଲାଗେ । ଖଣ୍ଡିଏ ପ୍ୟାଣ୍ଟ୍ ତିଆରି ପାଇଁ ୧ମି. ୧୫ସେ.ମି. ମାପର କପଡ଼ା ଲାଗିଲେ, ପ୍ୟାଣ୍ଟ୍ ଓ ସାର୍ଟ ତିଆରି ପାଇଁ କେତେ କପଡ଼ା ଲାଗିବ ?

୮. ମାଧବୀ ଓ ଗୀତା ଗୁଡ଼ି ଉଡ଼େଇବାକୁ ଜଣକା ୨୦୦ ମି. ୪୦ ସେ.ମି. ଲମ୍ବର ସୂତା କିଣିଲେ । ତେବେ ଦୁହେଁ ମିଶି କେତେ ଲମ୍ବର ସୂତା କିଣିଲେ ?


୯. ଗୋଟିଏ ଥାନରେ ୪୦ ମି. କପଡ଼ା ଥିଲା । ସେଥିରୁ ମୀନା ଫ୍ରକ୍ ତିଆରି ପାଇଁ ୩ମି. ୭୫ ସେ.ମି. କପଡ଼ା ନେଲା । ସେହି ଥାନରେ ଆଉ କେତେ କପଡ଼ା ରହିଲା ?

୧୦. ତଳ ସାରଣୀରେ ଦିଆଯାଇଥିବା ଜିନିଷର ଦୈର୍ଘ୍ୟ ପ୍ରଥମେ ଅନୁମାନ କରି ତା' ଡ଼ାହାଣ ପଟ ସ୍ତମ୍ଭର ଉପଯୁକ୍ତ ଘରେ ଲେଖ । ଏବେ ସ୍କେଲ୍ ବା ମିଟର ବାଡ଼ି ଆଣି ସେହି ଜିନିଷର ଦୈର୍ଘ୍ୟର ପ୍ରକୃତ ମାପ ନିର୍ଣ୍ଣୟ କର । ତୁମର ଆନୁମାନିକ ମାପ ଠାରୁ ପ୍ରକୃତ ମାପ ବେଶୀ ହେଲା ନା କମ୍ ହେଲା ସାରଣୀର ଉପଯୁକ୍ତ ସ୍ଥାନରେ ଲେଖ ।

| ମାପିବା ଜିନିଷ | ଆନୁମାନିକ ମାପ | ପ୍ରକୃତ ମାପ | କମ୍ ବା ବେଶୀ ହେଲା |
|---|---|---|---|
| ଟେବୁଲ୍ ଗୋଡ଼ର ଲମ୍ବ | | | |
| ତୁମ ଶ୍ରେଣୀଗୃହର ଓସାର | | | |
| କବାଟ ପାଖରୁ ଟେବୁଲ୍‌ର ଦୂରତା | | | |
| ଟେବୁଲ୍ ଠାରୁ ତୁମେ ବସିଥିବା ସ୍ଥାନର ଦୂରତା | | | |
| ଝରକା ପାଖରୁ ଟେବୁଲ୍‌ର ଦୂରତା | | | |

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୧୧.




ଚିତ୍ର ଦେଖି ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ପୁରୀରୁ ସାତପଡ଼ା କେତେ ବାଟ ?

(ଖ) କୋଣାର୍କରୁ ପୁରୀ ଦେଇ ବ୍ରହ୍ମଗିରି କେତେ ବାଟ ?

(ଗ) ସାତପଡ଼ାରୁ କୋଣାର୍କ କେତେ ବାଟ ?

(ଘ) ପୁରୀରୁ ବ୍ରହ୍ମଗିରିର ଦୂରତା ପୁରୀରୁ କୋଣାର୍କର ଦୂରତାଠାରୁ କେତେ କମ୍ ?

(ଙ) ସାତପଡ଼ାରୁ ବ୍ରହ୍ମଗିରିର ଦୂରତାଠାରୁ କୋଣାର୍କରୁ ପୁରୀର ଦୂରତାଠାରୁ କେତେ ବେଶି ?

(ଚ) ପୁରୀରୁ କୋଣାର୍କର ଦୂରତା ପୁରୀରୁ ସାତପଡ଼ାର ଦୂରତାଠାରୁ କେତେ କମ୍ ?

(ଛ) କୋଣାର୍କରୁ ସାତପଡ଼ା ଯାଇ ଫେରି ଆସିଲେ ଆମେ ମୋଟ୍‌ରେ କେତେ ଦୂରତା ଅତିକ୍ରମ କରିବା ?

୧୨. ଖାଲିଥିବା କୋଠରି ପୂରଣ କର । (ଆବଶ୍ୟକ ସ୍ଥଳେ ଶିକ୍ଷକ/ ବୟସ୍କ ବ୍ୟକ୍ତିମାନଙ୍କର ସହାୟତା ନେଇପାରିବ)

ତୁମ ଘର ଠାରୁ ନିମ୍ନଲିଖିତ ଅନୁଷ୍ଠାନମାନଙ୍କର ଦୂରତା କେତେ ହେବ ?

| ଅନୁଷ୍ଠାନ | କେଉଁଠାରେ ଅଛି | ଦୂରତା |
|---|---|---|
| ପଞ୍ଚାୟତ ଅଫିସ | | |
| ବ୍ଲକ | | |
| ଜିଲ୍ଲା ସଦର ମହକୁମା | | |
| ନିକଟସ୍ଥ ଡାକ୍ତରଖାନା | | |
| ବସ୍ ରହଣି ସ୍ଥାନ | | |
| ନିକଟସ୍ଥ ରେଳଷ୍ଟେସନ୍ | | |
| ନିକଟସ୍ଥ ବ୍ୟାଙ୍କ୍ | | |

ତୁମେ ପୂରଣ କରିଥିବା ସାରଣୀକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ –

(କ) ତୁମ ଗ୍ରାମରୁ ପଞ୍ଚାୟତ ଅଫିସ୍‌କୁ ଯାଇ ଫେରି ଆସିବାକୁ ହେଲେ କେତେ ଦୂରତା ଅତିକ୍ରମ କରିବାକୁ ପଡ଼ିବ ?

(ଖ) ଡାକ୍ତରଖାନାରୁ ତୁମ ଗାଁକୁ ଆସି ସେଠାରୁ ପଞ୍ଚାୟତ ଅଫିସ୍‌କୁ ଗଲେ କେତେ ଦୂରତା ଅତିକ୍ରମ କରିବାକୁ ପଡ଼ିବ ?

(ଗ) ବ୍ୟାଙ୍କ୍‌ରେ ଥିବା ତୁମ ପାସ୍‌ବୁକ୍‌ରୁ ଟଙ୍କା ଉଠାଇବା ପାଇଁ ତୁମକୁ କେତେ ଦୂର ଯିବାକୁ ପଡ଼ିବ ?

(ଘ) ତୁମ ଘର ଠାରୁ ବସ୍ ରହଣି ସ୍ଥାନ ଓ ରେଳ ଷ୍ଟେସନ୍ ମଧ୍ୟରୁ କେଉଁଟି ପାଖରେ ଅଛି ?

(ଙ) ତୁମ ଘର ଠାରୁ ଡାକ୍ତରଖାନା ଓ ବ୍ୟାଙ୍କ ମଧ୍ୟରୁ କେଉଁଟି ଦୂରରେ ଅଛି ?

୧୩. ୧ କି.ମି. ୩୪୫ ମି. କୁ କେତେ ପ୍ରକାରରେ ପ୍ରକାଶ କରିପାରୁଛ ଦେଖ ।

ଯେପରି : ୧କି.ମି. ୩୪୫ ମି. = ୯୦୦ ମି. + ୧୦୦ମି. + ୩୪୫ ମି.

= ୯୦୦ମି. + ୪୪୫ମି.

= ୮୦୦ ମି. + ୫୪୫ମି.

ଏହିପରି ଆହୁରି ଅନେକ ପ୍ରକାରରେ ୧କି.ମି.୩୪୫ ମି. କୁ ପ୍ରକାଶ କରାଯାଇପାରିବ ।

ସେହିପରି ୩ କି.ମି.୬୦୦ମିଟର ଓ ୫ କି.ମି.କୁ ବିଭିନ୍ନ ଉପାୟରେ ପ୍ରକାଶ କର ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS (ଓଡ଼ିଶା Board and NCERT All Books With Solutions OBS



# ଅଭ୍ୟାସ
## ପ୍ରଶ୍ନ ଓ ଉତ୍ତର



୧ । ଶୂନ୍ୟସ୍ଥାନ ପୂରଣ କର । (ପ୍ରଶ୍ନ ସହ ଉତ୍ତର)

(କ) ୫୦୦ ସେ.ମି. = ୫ମି.

(ଖ) ୪୩୫ ସେ.ମି. = ୪ମି. ୩୫ସେ.ମି.

(ଗ) ୬୦୫ସେ.ମି. = ୬ମି.୫ସେ.ମି.

(ଘ) ୧୨୫୦ ସେ.ମି. = ୧୨ମି. ୫୦ସେ.ମି.

୨ । ଶୂନ୍ୟସ୍ଥାନ ପୂରଣ କର । (ପ୍ରଶ୍ନ ସହ ଉତ୍ତର)

(କ) ୫ମି.୨୫ସେ.ମି.+୮ମି.୮୮ସେ.ମି.
= ୫୨୫ ସେ.ମି. + ୮୮୮ସେ.ମି.
= ୧୪୧୩ ସେ.ମି. = ୧୪ମି. ୧୩ସେ.ମି.

(ଖ) ୮ମି ୪୫ସେ.ମି.+୬ମି.୫୫ସେ.ମି.
= ୮୪୫ସେ.ମି. + ୬୫୫ ସେ.ମି.
= ୧୫ ମି. ୦୦ ସେ.ମି.

(ଗ) ୧୫ମି. ୭୨ସେ.ମି.+୧୨ମି. ୫୬ସେ.ମି
= ୧୫୭୨ ସେ.ମି. + ୧୨୫୬ ସେ.ମି.
= ୨୮୨୮ ସେ.ମି. = ୨୮ ମି. ୨୮ସେ.ମି.

୩ । ବିୟୋଗଫଳ ନିର୍ଣ୍ଣୟ କର ।

ଯେପରି, ୨୧ମି.୨୦ସେ.ମି. – ୧୮ମି.୨୫ସେ.ମି.
= ୨୧୨୦ସେ.ମି. – ୧୮୨୫ସେ.ମି.
= ୨୯୫ ସେ.ମି. = ୨ମି.୯୫ସେ.ମି.

(କ) **୨୫ମି ୧୫ସେ.ମି. – ୨୨ମି. ୨୨ସେ.ମି.**
ଉ: ୨୫୧୫ ସେ.ମି. – ୨୨୨୨ ସେ.ମି.
= ୨୯୩ ସେ.ମି. = ୨ମି. ୯୩ ସେ.ମି.

(ଖ) **୪୮ମି.୩୦ସେ.ମି. – ୫୨ ସେ.ମି.**
ଉ: ୪୮୩୦ସେ.ମି. – ୫୨ ସେ.ମି.
=୪୭୭୮ସେ.ମି. = ୪୭ମି. ୭୮ସେ.ମି.

(ଗ) **୬୨ମି.୪୨ସେ.ମି. – ୭ମି.୮୫ସେ.ମି.**
ଉ: ୬୨୪୨ ସେ.ମି. – ୭୮୫ ସେ.ମି.
= ୫୪୫୭ ସେ.ମି. = ୫୪ମି.୫୭ସେ.ମି.

୪ ।(କ) ମିଟର ଓ ସେଣ୍ଟିମିଟରରେ ଥିବା ଦୈର୍ଘ୍ୟକୁ କେବଳ ସେଣ୍ଟିମିଟର ଏକକରେ ପ୍ରକାଶ କରି ଦିଆଯାଇଥିବା ଯୋଗ ଓ ବିୟୋଗ ପ୍ରଶ୍ନର ସମାଧାନ କର ।
(ପ୍ରଶ୍ନ ସହ ଉତ୍ତର)

• ୨୫ମି. ୩୫ସେ.ମି. + ୨୦ମି. ୪୦ସେ.ମି.
= ୨୫୩୫ସେ.ମି. + ୨୦୪୦ସେ.ମି.
= ୪୫୭୫ସେ.ମି.
= ୪୫ମି. ୭୫ସେ.ମି.

• ୧୭ମି. ୭୦ସେ.ମି. + ୩୮ମି. ୩୦ସେ.ମି.
=୧୭୭୦ସେ.ମି. + ୩୮୩୦ ସେ.ମି.
= ୫୬୦୦ସେ.ମି.
= ୫୬ମିଟର

• ୨୪ମି. ୭୫ସେ.ମି. + ୯ମି. ୬୫ସେମି.
=୨୪୭୫ସେ.ମି. + ୯୬୫ସେ.ମି.
= ୩୪୪୦ସେ.ମି.
= ୩୪ମି.୪୦ସେ.ମି.

• ୪୦ମି.୩୦ସେ.ମି. – ୧୮ମି.୧୫ସେ.ମି.
=୪୦୩୦ସେ.ମି. – ୧୮୧୫ସେ.ମି.
= ୨୨୧୫ ସେ.ମି.
= ୨୨ମି.୧୫ସେ.ମି.

• ୮୪ମି. ୬୦ସେ.ମି. – ୨୯ମି. ୮ ସେ.ମି.
= ୮୪୬୦ସେ.ମି. – ୨୯୦୮ ସେ.ମି.
= ୫୫୫୨ ସେ.ମି.
= ୫୫ମି.୫୨ସେ.ମି.

• ୫୨ମି. ୨୫ସେ.ମି. – ୪୬ମି. ୩୮ସେ.ମି.
= ୫୨୨୫ ସେ.ମି. – ୪୬୩୮ସେ.ମି.
= ୫୮୭ସେ.ମି.
= ୫ମି. ୮୭ ସେ.ମି.

(ଖ) 'କ' ପ୍ରଶ୍ନରେ ଦିଆଯାଇଥିବା ଯୋଗ ବିୟୋଗ କାର୍ଯ୍ୟ ସ୍ତମ୍ଭ ପ୍ରଣାଳୀରେ ସମ୍ପାଦନ କର ।
(ପ୍ରଶ୍ନ ସହ ଉତ୍ତର)

| | ମିଟର | ସେଣ୍ଟିମିଟର |
|---|---|---|
| • | ୨୫ | ୩୫ |
| + | ୨୦ | ୪୦ |
| | **୪୫ମି.** | **୭୫ସେ.ମି.** |

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

| | ମିଟର | ସେଣ୍ଟିମିଟର |
|---|---|---|
| | ୧୭ | ୭୦ |
| + | ୩୮ | ୩୦ |
| | **୫୬ମି.** | **୦୦ସେ.ମି.** |

| | ମିଟର | ସେଣ୍ଟିମିଟର |
|---|---|---|
| | ୨୪ | ୭୫ |
| + | ୯ | ୬୫ |
| | **୩୪ମି.** | **୪୦ସେ.ମି.** |

| | ମିଟର | ସେଣ୍ଟିମିଟର |
|---|---|---|
| | ୪୦ | ୩୦ |
| − | ୧୮ | ୧୫ |
| | **୨୨ମି.** | **୧୫ସେ.ମି.** |

| | ମିଟର | ସେଣ୍ଟିମିଟର |
|---|---|---|
| | ୮୪ | ୬୦ |
| − | ୨୯ | ୦୮ |
| | **୫୫ମି.** | **୫୨ସେ.ମି.** |

| | ମିଟର | ସେଣ୍ଟିମିଟର |
|---|---|---|
| | ୫୨ | ୨୫ |
| − | ୪୬ | ୩୮ |
| | **୫ମି.** | **୮୭ସେ.ମି.** |

**୫ ।   ଶୂନ୍ୟସ୍ଥାନ ପୂରଣ କର । (ପ୍ରଶ୍ନ ସହ ଉତ୍ତର)**

(କ) ୨କି.ମି. = [୨୦୦୦]ମି.

(ଖ) ୩କି.ମି. = [୩୦୦୦]ମି.

(ଗ) ୪୦୦୦ମି. = [୪]କି.ମି.

(ଘ) ୫୦୦୦ମି. = [୫] କି.ମି.

(ଙ) ୨୪୦୦ମି. = [୨]କି.ମି.[୪୦୦]ମି.

(ଚ) ୪୩୨୮ମି. = [୪]କି.ମି.[୩୨୮]ମି.

**୬ ।   ଯୋଗଫଳ ନିର୍ଣ୍ଣୟ କର । (ପ୍ରଶ୍ନ ସହ ଉତ୍ତର)**

(କ) ୨କି.ମି. ୩୨୦ମି.+୫କି.ମି. ୨୬୦ମି.

= [୨+୫] କି.ମି.+[୩୨୦ +୨୬୦]ମି.

= ୭ କି.ମି. + ୫୮୦ମି.

= ୭କି.ମି. ୫୮୦ମି.

(ଖ) ୩କି.ମି. ୫୬୦ମି. + ୨କି.ମି. ୧୪୫ମି.

= [୩+୨]କି.ମି.+[୫୬୦+୧୪୫]ମି.

= [୫]କି.ମି. + [୭୦୫]ମି.

**୭ ।   ଖଣ୍ଡିଏ ପ୍ୟାଣ୍ଟ୍ ତିଆରି ପାଇଁ ଯେତେ କପଡ଼ା ଲାଗେ, ଖଣ୍ଡିଏ ସାର୍ଟରେ ତା' ଅପେକ୍ଷା ୮୫ ସେ.ମି. ଅଧିକ କପଡ଼ା ଲାଗେ । ଖଣ୍ଡିଏ ପ୍ୟାଣ୍ଟ୍ ତିଆରି ପାଇଁ ୧ ମି. ୧୫ ସେ.ମି. ମାପର କପଡ଼ା ଲାଗିଲେ, ପ୍ୟାଣ୍ଟ୍ ଓ ସାର୍ଟ ତିଆରି ପାଇଁ କେତେ କପଡ଼ା ଲାଗିବ ?**

**ଉ :** ଖଣ୍ଡିଏ ପ୍ୟାଣ୍ଟ ତିଆରି ପାଇଁ
କପଡା ଲାଗେ = ୧ମି. ୧୫ ସେ.ମି.
ଖଣ୍ଡିଏ ସାର୍ଟ ତିଆରି
ପାଇଁ ଅଧିକ କପଡା ଲାଗେ = + ୮୫ ସେ.ମି.

∴ ସାର୍ଟ ପାଇଁ କପଡା ଲାଗେ =୨ ମି. ୦୦ ସେ.ମି.

ପ୍ୟାଣ୍ଟ ଓ ସାର୍ଟ ତିଆରି ପାଇଁ ମୋଟ କପଡା ଲାଗେ

= ୧ମି. ୧୫ ସେ.ମି. + ୨ ମି.

= ୩ ମି. ୧୫ ସେ.ମି.

∴ ପ୍ୟାଣ୍ଟ ଓ ସାର୍ଟ ତିଆରି ପାଇଁ ୩ ମି. ୧୫ ସେ.ମି. କପଡା ଲାଗେ ।

**୮ ।   ମାଧବୀ ଓ ଗୀତା ଗୁଡ଼ି ଉଡ଼େଇବାକୁ ଜଣକା ୨୦୦ ମି. ୪୦ ସେ.ମି. ଲମ୍ବର ସୂତା କିଣିଲେ । ତେବେ ଦୁହେଁ ମିଶି କେତେ ଲମ୍ବର ସୂତା କିଣିଲେ ?**

**ଉ :** ମାଧବୀ ସୂତା କଣିଲା = ୨୦୦ ମି. ୪୦ ସେ.ମି.
ଗୀତା ସୂତା କିଣିଲା =+୨୦୦ ମି. ୪୦ ସେ.ମି.
ଉଭୟେ ସୂତା କିଣିଲେ = ୪୦୦ ମି. ୮୦ ସେ.ମି.

∴ ଦୁହେଁ ମିଶି ସୂତା କିଣିଲେ ୪୦୦ ମି. ୮୦ ସେ.ମି. ।

**୯ ।   ଗୋଟିଏ ଥାନରେ ୪୦ ମି. କପଡ଼ା ଥିଲା । ସେଥିରୁ ମୀନା ଫ୍ରକ୍ ତିଆରି ପାଇଁ ୩ମି. ୭୫ ସେ.ମି. କପଡ଼ା ନେଲା । ସେହି ଥାନରେ ଆଉ କେତେ କପଡ଼ା ରହିଲା ?**

**ଉ :** ଥାନରେ କପଡ଼ା ଥିଲା = ୪୦ ମି. ୦୦ ସେ.ମି.
ମୀନା ଫ୍ରକ୍ ପାଇଁ
କପଡ଼ା ନେଲା =− ୩ ମି. ୭୫ ସେ.ମି.
୩୬ ମି. ୨୫ ସେ.ମି.

∴ ସେହି ଥାନରେ କପଡ଼ା ରହିଲା ୩୬ ମି. ୨୫ ସେ.ମି. ।


ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୧୦। ତଳ ସାରଣୀର ଦିଆଯାଇଥିବା ଜିନିଷର ଦୈର୍ଘ୍ୟ ପ୍ରଥମେ ଅନୁମାନ କରି ତା'ଡାହାଣ ପଟ ସ୍ତମ୍ଭର ଉପଯୁକ୍ତ ଘରେ ଲେଖ । ଏବେ ସ୍କେଲ୍ ବା ମିଟର ବାଡ଼ି ଆଣି ସେହି ଜିନିଷର ଦୈର୍ଘ୍ୟର ପ୍ରକୃତ ମାପ ନିର୍ଣ୍ଣୟ କର । ତୁମର ଆନୁମାନିକ ମାପଠାରୁ ପ୍ରକୃତ ମାପ ବେଶୀ ହେଲା ନା କମ୍ ହେଲା ସାରଣୀର ଉପଯୁକ୍ତ ସ୍ଥାନରେ ଲେଖ । (ପ୍ରଶ୍ନ ସହ ଉତ୍ତର)

ଉ :

| ମାପିବା ଜିନିଷ | ଆନୁମାନିକ ମାପ | ପ୍ରକୃତ ମାପ | କମ୍ ବା ବେଶୀ ହେଲା |
|---|---|---|---|
| ଟେବୁଲ ଗୋଡ଼ର ଲମ୍ବ | ୧ମି.୫୦ସେ.ମି. | ୧ମି.୨୫ସେ.ମି. | ୨୫ସେ.ମି. କମ୍ |
| ତୁମ ଶ୍ରେଣୀଗୃହର ଓସାର | ୬ ମିଟର | ୫ମିଟର | ୧ମିଟର କମ୍ |
| କବାଟ ପାଖରୁ ଟେବୁଲର ଦୂରତା | ୨ ମିଟର | ୨ମି. ୫୦ସେ.ମି. | ୫୦ସେ.ମି. ବେଶି |
| ଟେବୁଲଠାରୁ ତୁମେ ବସିଥିବା ସ୍ଥାନର ଦୂରତା | ୪ମିଟର | ୩ମି. ୫୦ସେ.ମି. | ୫୦ସେ.ମି. କମ୍ |
| ଝରକା ପାଖରୁ ଟେବୁଲ୍‌ର ଦୂରତା | ୨ମି.୭୦ସେ.ମି. | ୩ମିଟର | ୩୦ସେ.ମି. ବେଶି |

୧୧ । ଚିତ୍ର ଦେଖି ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।




(ଏ ସମସ୍ତ ରାସ୍ତାରେ ବସ୍ ଚଳାଚଳ କରେ)

(କ) ପୁରୀରୁ ସାତପଡ଼ା କେତେ ବାଟ ?

(ଖ) କୋଣାର୍କରୁ ପୁରୀ ଦେଇ ବ୍ରହ୍ମଗିରି କେତେ ବାଟ ?

(ଗ) ସାତପଡ଼ାରୁ କୋଣାର୍କ କେତେ ବାଟ ?

(ଘ) ପୁରୀରୁ ବ୍ରହ୍ମଗିରିର ଦୂରତା ପୁରୀରୁ କୋଣାର୍କର ଦୂରତାଠାରୁ କେତେ କମ୍ ?

(ଙ) ସାତପଡ଼ାରୁ ବ୍ରହ୍ମଗିରିର ଦୂରତାଠାରୁ କୋଣାର୍କରୁ ପୁରୀର ଦୂରତାଠାରୁ କେତେ ବେଶି ?

(ଚ) ପୁରୀରୁ କୋଣାର୍କର ଦୂରତା ପୁରୀରୁ ସାତପଡାର ଦୂରତାଠାରୁ କେତେ କମ୍ ?

(ଛ) କୋଣାର୍କରୁ ସାତପଡ଼ା ଯାଇ ଫେରି ଆସିଲେ ଆମେ ମୋଟରେ କେତେ ଦୂରତା ଅତିକ୍ରମ କରିବା ?

ଉ :(କ) ପୁରୀରୁ ସାତପଡ଼ା = ୨୫ କି.ମି. + ୨୪ କି.ମି.
= ୪୯ କି.ମି.

(ଖ) କୋଣାର୍କରୁ ପୁରୀ = ୩୫ କି.ମି.
ପୁରୀରୁ ବ୍ରହ୍ମଗିରି = ୨୫ କି.ମି.
କୋଣାର୍କରୁ ବ୍ରହ୍ମଗିରି ମୋଟ ବାଟ = ୬୦ କି.ମି.

(ଗ) ସାତପଡ଼ାରୁ ବ୍ରହ୍ମଗିରି = ୨୪ କି.ମି.
ବ୍ରହ୍ମଗିରିରୁ ପୁରୀ = ୨୫ କି.ମି.
ପୁରୀରୁ କୋଣାର୍କ = ୩୫ କି.ମି.
∴ ସାତପଡ଼ାରୁ କୋଣାର୍କ ବାଟ = ୮୪ କି.ମି.

(ଘ) ୩୫ କି.ମି. – ୨୫ କି.ମି. = ୧୦ କି.ମି.
∴ ପୁରୀରୁ ବ୍ରହ୍ମଗିରିର ଦୂରତା ପୁରୀରୁ କୋଣାର୍କର ଦୂରତାଠାରୁ ୧୦ କି.ମି. କମ୍ ।

(ଙ) ୩୫ କି.ମି. – ୨୪ କି.ମି. = ୧୧ କି.ମି.

(ଚ) ୪୯ କି.ମି. – ୩୫ କି.ମି. = ୧୪ କି.ମି.

(ଛ) ୮୪ କି.ମି. + ୮୪ କି.ମି. = ୧୬୮ କି.ମି. ।

୧୨ । ଖାଲିଥିବା କୋଠରି ପୂରଣ କର । (ଆବଶ୍ୟକ ସ୍ଥଳେ ଶିକ୍ଷକ/ବୟସ୍କ ବ୍ୟକ୍ତିମାନଙ୍କର ସହାୟତା ନେଇପାରିବ ।)

ତୁମ ଘରଠାରୁ ନିମ୍ନଲିଖିତ ଅନୁଷ୍ଠାନମାନଙ୍କର ଦୂରତା କେତେ ହେବ ? (ପ୍ରଶ୍ନ ସହ ଉତ୍ତର)

| ଅନୁଷ୍ଠାନ | କେଉଁଠାରେ ଅଛି | ଦୂରତା |
|---|---|---|
| ପଞ୍ଚାୟତ ଅଫିସ୍ | ମଧୁଶାସନ | ୧କି.ମି. |
| ବ୍ଲକ୍ | ଗରଦପୁର | ୭କି.ମି |
| ଜିଲ୍ଲା ସଦର ମହକୁମା | କେନ୍ଦ୍ରାପଡ଼ା | ୨୦କି.ମି. |
| ନିକଟସ୍ଥ ଡାକ୍ତରଖାନା | ମଧୁଶାସନ | ୫୦୦ମିଟର |
| ବସ୍ ରହଣି ସ୍ଥାନ | ମଧୁଶାସନ | ୪୦୦ମି. |
| ନିକଟସ୍ଥ ରେଳଷ୍ଟେସନ | କେନ୍ଦ୍ରାପଡ଼ା | ୨୦କି.ମି. |
| ନିକଟସ୍ଥ ବ୍ୟାଙ୍କ | କୋରୁଆ | ୫ କି.ମି. |

ତୁମେ ପୂରଣ କରିଥିବା ସାରଣୀକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ–

(କ) ତୁମ ଗ୍ରାମରୁ ପଞ୍ଚାୟତ ଅଫିସକୁ ଯାଇ ଫେରି ଆସିବାକୁ ହେଲେ କେତେ ଦୂରତା ଅତିକ୍ରମ କରିବାକୁ ପଡ଼ିବ ?

(ଖ) ଡାକ୍ତରଖାନାରୁ ତୁମ ଗାଁକୁ ଆସି ସେଠାରୁ ପଞ୍ଚାୟତ ଅଫିସକୁ ଗଲେ କେତେ ଦୂରତା ଅତିକ୍ରମ କରିବାକୁ ପଡ଼ିବ ?

(ଗ) ବ୍ୟାଙ୍କରେ ଥିବା ତୁମ ପାସବୁକ୍‌ରୁ ଟଙ୍କା ଉଠାଇବା ପାଇଁ ତୁମକୁ କେତେ ଦୂର ଯିବାକୁ ପଡ଼ିବ ?

(ଘ) ତୁମ ଘରଠାରୁ ବସ୍ ରହଣି ସ୍ଥାନ ଓ ରେଳ ଷ୍ଟେସନ ମଧ୍ୟରୁ କେଉଁଟି ପାଖରେ ଅଛି ?

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

(ଙ) ତୁମ ଘରଠାରୁ ଡାକ୍ତରଖାନା ଓ ବ୍ୟାଙ୍କ ମଧ୍ୟରୁ କେଉଁଟି ଦୂରରେ ଅଛି ?

| |
|---|
| ଉ : (କ) ୨କି.ମି. (ଖ) ୧ କି.ମି. ୫୦୦ ମିଟର (ଗ) ୫କି.ମି. (ଘ) ବସ୍ ରହଣି ସ୍ଥାନ (ଙ) ବ୍ୟାଙ୍କ୍ |

**୧୩ । ୧ କି.ମି. ୩୪୫ମି.କୁ କେତେ ପ୍ରକାରରେ ପ୍ରକାଶ କରିପାରୁଛ ଦେଖ ।**

ଯେପରି : ୧ କି.ମି. ୩୪୫ମି.

=୯୦୦ମି.+୧୦୦ମି.+୩୪୫ମି.

=୯୦୦ମି.+୪୪୫ମି.

=୮୦୦ମି.+୫୪୫ମି.

ଏହିପରି ଆହୁରି ଅନେକ ପ୍ରକାରରେ ୧କି.ମି.କୁ ୩୪୫କୁ ପ୍ରକାଶ କରାଯାଇପାରିବ ।

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS